## ସଂକ୍ଷେପରେ

### ନବନିର୍ବାଚିତ ଲୋକ ପ୍ରତିନିଧି, କ୍ରୀଡ଼ାବିତ ସମ୍ମାନିତ



ଉମରକୋଟ, ୨୪।୪(ସ୍ୱ.ପ୍ର.)- ନବ ନିର୍ବାଚିତ ଲୋକ ପ୍ରତିନିଧି ଏବଂ କ୍ରୀଡ଼ା କ୍ଷେତ୍ରରେ ନବରଙ୍ଗପୁର ଜିଲାକୁ ଗୌରବ ଆଣିଦେଇଥିବା ୧୨ ଜଣ କ୍ରୀଡ଼ାବିତ, ୩ ଜଣ କୋଚଙ୍କୁ ହେଲ୍ପଲାଇନ ସଂସ୍ଥା ପକ୍ଷରୁ ସମ୍ମାନିତ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ ପାଢ଼ୀ ମୁଖ୍ୟବକ୍ତା, ଉମରକୋଟ ବିଡିଓ ଡକ୍ଟର ହିମାଞ୍ଚଳ ମାଝୀ, ହେଲ୍ପ ଲାଇନ ସଂସ୍ଥାର ମୁଖ୍ୟ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ ମଲ୍ଲିକ, ସଭାପତି କୃଷ୍ଣ ପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ଶ୍ରୀନିବାସ ପଟ୍ଟନାୟକ, ପୌର ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି,ପୂର୍ବତନ ନଗରପାଳ ଝାଡେଶ୍ୱର ମହାନ୍ତି, କ୍ରୀଡା ସଂଯୋଜକ ସଲିମ ରାଠୋର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଲୋକମାନଙ୍କ ଭରସାକୁ ଠିକ୍ ପ୍ରମାଣ କରି ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦେବାକୁ ମୁଖ୍ୟ ଅତିଥି ନବ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ପରାମର୍ଶ ଦେଇଥିଲେ। ବିନା କୌଣସି ତାଲିମରେ ଜିଲାର କ୍ରୀଡ଼ାବିତମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୫ଟି ସ୍ୱର୍ଣ୍ଣ ମୋଟ ୧୩ ପଦକ ଜିତି ନବରଙ୍ଗପୁରକୁ ଗୌରବାନ୍ୱିତ କରିଛନ୍ତି ବୋଲି ମୁଖ୍ୟବକ୍ତା କହିଛନ୍ତି। ହେଲ୍ପଲାଇନ ସଂସ୍ଥା ଉପସଭାପତି ଇଞ୍ଜିନିୟର ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ମିନୁ ପିଲେଇ,ସାଇକୃତି ପଣ୍ଡା, ସରିତା ବେହେରା, ଏମ୍. ଜି.ସନ୍ଦୀପ କୁମାର, ଏ.ସାଇ କୁମାର, ରବି ସୁନା ପ୍ରମୁଖ ପରିଚାଳନା କରିଥିଲେ।

### ଚାବି ପଏଣ୍ଟ ଉପରେ ପ୍ଲେଟ ଦେବାକୁ ଦାବି

ରାଇଘର,୨୪।୪(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ମହକୁମାରେ ପାନୀୟ ଜଳ ଯୋଗାଣ ତରଫରୁ ସପ୍ଲାଇ କରାଯାଉଥିବା ପାଣି ଚାବି ପଏଣ୍ଟ ଉପରେ ପ୍ଲେଟ ଦେବାକୁ ଦାବି ହୋଇଛି। ପାଇପ୍ ଲାଇନ କନେକ୍ସନ କରାଯାଇ ପାଣି ଦିଆଯାଉଛି। କୋଦଭାଟା ରାସ୍ତା ପାର୍ଶ୍ୱରେ ଗୋଟାଏ ଚାବି ପଏଣ୍ଟ ରହିଛି। ସେହି ପଏଣ୍ଟରେ ପାଇପ୍ ଫାଟି ଯାଇ ପାଣି ଲିକେଜ୍ ହୋଇ ତାରି ଭିତରେ ଜମି ରହୁଛି। ଖୋଲା ରହୁଥିବାରୁ ଲୋକେ ସେଠାରେ ଅଇଁଠା ପତ୍ର, ମଦ ବୋତଲ ପଲିଥିନ ଆଦି ପକାଉଛନ୍ତି। ଫଳରେ ମଇଳା ଆବର୍ଜନା ପଡ଼ି ଉକ୍ତ ସ୍ଥାନଟି



ଅପରିଷ୍କାର ହୋଇ ରହୁଛି। ସେଠାରେ ଚାବି ପଏଣ୍ଟ ଥିବାରୁ ରାଇଘରର ସମସ୍ତ ଅଞ୍ଚଳକୁ ପାଣି କନେକ୍ସନ ଯାଉଛି। ଉକ୍ତ ସ୍ଥାନରେ ଏପରି ଅପରିଷ୍କାର ହେବା ଦ୍ୱାରା ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏ ନେଇ ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଲୋକେ ସଚେତନ ନାହାନ୍ତି। ତେଣୁ ଏହି ପ୍ରକାରର ଅସୁବିଧା ହେଉଛି। ତଥାପି ଉକ୍ତ ସ୍ଥାନକୁ ସଫା କରି ଚାବି ପଏଣ୍ଟରେ ପ୍ଲେଟ ଦେବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି।

### ଚଟାହାଣ୍ଡିରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା

ନବରଙ୍ଗପୁର,୨୪।୪(ବି.ପ୍ର.)- ନବରଙ୍ଗପୁର ବ୍ଲକ ଅଧୀନ ଚଟାହାଣ୍ଡିରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଅନେକ ରୋଗୀ ସେଠାରେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିରର ଆୟୋଜନ ହୋଇଥିଲା। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ, ବ୍ଲକ ଅଧକ୍ଷ ଶରତ ଭତରା, ଏମ୍‌ପିଙ୍କ ପ୍ରତିନିଧି ବାବୁଲି ମିଶ୍ର, ଭାରପ୍ରାପ୍ତ ଚିକିତ୍ସାଧିକାରୀ ପ୍ରଭାକର ଦାଶ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନ୍ୟତମ ଅତିଥି ରୂପେ ଏବିଇଓ ଜଗବନ୍ଧୁ ଭତରା, ମ୍ୟାନେଜର ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୮୪୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଦିଆଯାଇଥିଲା। ଶିବିରରେ ୨୪୮ ଜଣ ରୋଗୀଙ୍କ ଉଚ୍ଚ ରକ୍ତଚାପ ପରୀକ୍ଷା କରାଯାଇଥିବା ବେଳେ ୨୪୩ ଜଣଙ୍କ ମଧୁମେହ,୨ ଜଣଙ୍କ ଯକ୍ଷ୍ମା ପରୀକ୍ଷା କରାଯାଇଥିଲା। ୬୨ ଜଣଙ୍କୁ ଆଇଡି କାର୍ଡ ପ୍ରଦାନ କରାଯାଇଛି। ଆୟୋଜିତ ରକ୍ତଦାନ ଶିବିରରେ ୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସ୍ୱାସ୍ଥ୍ୟ ମେଳାରେ ୮୪ ଜଣଙ୍କ କୋଭିଡ ପରୀକ୍ଷା କରାଯାଇଛି। ୧୦୩ ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଛି।

# ପ୍ରଧାନ ଶିକ୍ଷକଙ୍କ ଭରସାରେ ବୁଡ଼ିବାଲି ସେବାଶ୍ରମ ବିଦ୍ୟାଳୟ

■ ବହୁଭାଷୀ ଶିକ୍ଷଣ ପ୍ରକୋଷ୍ଠ ଉଦ୍‌ଘାଟିତ

■ ପୂରଣ ହେଉନି ଶିକ୍ଷକ ପଦବୀ, ବଢ଼ୁଛି ଅସନ୍ତୋଷ

ଚନ୍ଦ୍ରପୁର,୨୪।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଡ଼ିବାଲି ପଞ୍ଚାୟତ ସଦରସ୍ଥିତ ମଙ୍ଗଳ ବିଭାଗ ସେବାଶ୍ରମ ବିଦ୍ୟାଳୟ ପରିସରରେ ନବ ନିର୍ମିତ ବହୁଭାଷୀ ଶିକ୍ଷଣ ପ୍ରକୋଷ୍ଠ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ରୂପେ ଚନ୍ଦ୍ରପୁର ବ୍ଲକର ଡବ୍ଲୁଇଓ ଲେୱାର ଜେନା, ନିମନ୍ତ୍ରିତ ଅତିଥି ରୂପେ ବୁଡ଼ିବାଲି ସରପଞ୍ଚ ଭୀମ ଗଗେରଙ୍ଗା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶମ୍ଭୁ ଗଗେରଙ୍ଗା, ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାଢ଼ୀଙ୍କ ସମେତ ସ୍କୁଲର ସମସ୍ତ ଛାତ୍ର ଉପସ୍ଥିତ ଥିଲେ। ବହୁଭାଷୀ ଶିକ୍ଷଣ ପ୍ରକୋଷ୍ଠ କରିବା ପଦକ୍ଷେପକୁ ଅଞ୍ଚଳର ବୁଦ୍ଧିଜୀବୀ ଏବଂ ଅଭିଭାବକ ସ୍ୱାଗତ କରିଛନ୍ତି।

ତେବେ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ସରପଞ୍ଚ ଭୀମ ଗଗେରଙ୍ଗା ଜିଲା ମଙ୍ଗଳ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ବୁଡ଼ିବାଲି ପଞ୍ଚାୟତରେ ଦୀର୍ଘ ଦିନ ଧରି ବହୁ ଶିକ୍ଷକ ପଦ ଖାଲି ପଡ଼ିଛି। ଜଣେମାତ୍ର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ ଏକାଧିକ ଦାୟିତ୍ୱରେ ରହିଛନ୍ତି। ପ୍ରଧାନ ଶିକ୍ଷକ ଦାୟିତ୍ୱ ସହ ହଷ୍ଟେଲ୍ ଦାୟିତ୍ୱରେ ରହିଛନ୍ତି। ତାଙ୍କ ବ୍ୟତୀତ ସ୍କୁଲରେ ଅନ୍ୟ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ପ୍ରଧାନ ଶିକ୍ଷକ ପିଲାଙ୍କୁ ପାଠ ପଢ଼ାଇବାକୁ ସମୟ



ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ବହୁଭାଷୀ ଶିକ୍ଷଣ ପ୍ରକୋଷ୍ଠ ।

ପାଉନାହାନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଜିଲା ମଙ୍ଗଳ ଅଧିକାରୀ ସବୁ ଜାଣି ମଧ ଏଠାରେ ଶିକ୍ଷକ ନିଯୁକ୍ତି ଦିଗରେ କୌଣସି ପଦକ୍ଷେପ ନେଇ ନ ଥିବା ସେମାନେ କହିଛନ୍ତି। ଏବେକାର ପ୍ରଧାନ ଶିକ୍ଷକ ପୂର୍ବରୁ ଏହି ସ୍କୁଲରେ ସହକାରୀ ଶିକ୍ଷକ ଥିଲେ। ତାଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ଦେବା ବଦଳରେ ଅନ୍ୟ ଜଣେ ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ପ୍ରକାଶଯୋଗ୍ୟ, ବୁଡ଼ିବାଲି ପଞ୍ଚାୟତରେ ମଙ୍ଗଳ ବିଭାଗ ଅଧୀନ ଏହି ଏକମାତ୍ର ବିଦ୍ୟାଳୟରେ ସମଗ୍ର ପଞ୍ଚାୟତର ଗରିବ ପରିବାରର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରୀଛାତ୍ର ପଢ଼ୁଛନ୍ତି। ସ୍କୁଲରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୩୮୦ ପିଲା ରହି ପଢ଼ୁଛନ୍ତି। ଛାତ୍ରୀ ହଷ୍ଟେଲରେ ଜଣେ ଶିକ୍ଷୟିତ୍ରୀ ରହିବା କଥା। କିନ୍ତୁ ଏଠାରେ ଥିବା ଶିକ୍ଷୟିତ୍ରୀଙ୍କୁ ମଙ୍ଗଳ ଅଧିକାରୀ ଡାଙ୍ଗସୋରଡ଼ା ସରକାରୀ ହାଇସ୍କୁଲକୁ ଡେପୁଟେସନରେ ପଠାଇ ଦେଇଛନ୍ତି। ବିଭାଗର ମନମୁଖୀ କାର୍ଯ୍ୟକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛିଦିନ ତଳେ ଗୁଡ଼ାରୀ ବ୍ଲକ ଅନ୍ତର୍ଗତ କର୍ଲାଘାଟି ସେବାଶ୍ରମ ବିଦ୍ୟାଳୟରେ ପୋକରା ଚାଉଳରୁ ପିଲାଙ୍କୁ ଖାଦ୍ୟ ଦିଆଯାଉଥିବାରୁ କେତେଜଣ ଛାତ୍ର ହଷ୍ଟେଲ ଛାଡ଼ି ଘରକୁ ପଳାଇ ଆସିଥିଲେ। ତେଣୁ ଜିଲାପାଳ ବିଭାଗୀୟ ସ୍କୁଲଗୁଡ଼ିକ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଗୁଲି ଗ୍ୟାଙ୍ଗ୍‌କୁ ହରାଇ ଘୋଷ୍ଟ ରାଇଡର୍ ଚାମ୍ପିୟନ

ଜିଗ୍‌ଜାଗ୍-୧୨ ପିପି ପାୱାର ଡିପିଏଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଦୁର୍ଗୀ,୨୪।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀସ୍ଥିତ ଏମ୍‌ସିସି ପଡ଼ିଆରେ ୧୦ ଦିନ ଧରି ଚାଲିଥିବା ଜିଗ୍‌ଜାଗ୍-୧୨ ପିପି ପାୱାର ଡିପିଏଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି।ଏଥିରେ ୬ଟିମ୍‌ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩ ଟିମ୍ ଅଧିକ ପଏଣ୍ଟ ପାଇଥିଲେ। ଉଦ୍‌ଯାପନି ମ୍ୟାଚ୍ ପଣ୍ଡା ସାହି ଘୋଷ୍ଟ ରାଇଡର ଟିମ୍ ଏବଂ ପାଇକ ସାହି ଗୁଲିଗ୍ୟାଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ପ୍ରଥମ ବ୍ୟାଟିଂ କରି ଘୋଷ୍ଟ ରାଇଡର ନିର୍ଦ୍ଧାରିତ ୧୨ ଓଭରରେ ୪ ୱିକେଟ ବିନିମୟରେ ୭୯ ରନ୍ ସଂଗ୍ରହ କରିଥିଲା। ଗୁଲିଗ୍ୟାଙ୍ଗ ଟିମ୍ ଆବଶ୍ୟକ ରନ୍ ସଂଗ୍ରହ କରିପାରି ନ ଥିଲା। ଫଳରେ ଘୋଷ୍ଟ ରାଇଡର୍ ଟିମ୍ ଚାମ୍ପିୟନ ହୋଇଛି।

ମୁଖ୍ୟ ଅତିଥିଭାବେ ରାଜ୍ୟ ବିଜ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ତଥା ଜିଲା ବିଜେଡି ସଭାପତି ସୁଧୀର ଦାସ ଯୋଗଦେଇ ଚାମ୍ପିୟନ ଟିମ୍ ଓ ରନର୍ସଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ରୂପେ ପିପି ପାୱାରର ସିଓ ସୁମନ ପାଢ଼ୀ ଓ କାମାକ୍ଷୀଟ୍ରେଡ଼ରସ ମାଲିକ କେ. ମୋହନ ରାଓ, ଦୁର୍ଗୀ ସରପଞ୍ଚ ବିଜୟ କୁମୁରୁକା ଉପସ୍ଥିତ ଥିଲେ। ସୁମନ୍ତ କୁମାର ନାୟକଙ୍କୁ ମ୍ୟାନ ଅଫ୍ ଦି ଡିପିଏଲ୍ ଟ୍ରଫି ପ୍ରଦାନ କରାଯାଇଛି।



ଚାମ୍ପିୟନ ଟିମ୍ ଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ମେଗା ସ୍ୱାସ୍ଥ୍ୟମେଳା ଓ ରକ୍ତଦାନ ଶିବିର

ଚନ୍ଦାହାଣ୍ଡି, ୨୪।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ହାଟପଦାରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟମେଳା ଓ ରକ୍ତଦାନ ଶିବିର କରାଯାଇଛି। ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ସଂଗ୍ରାମ କେଶରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି, ନବରଙ୍ଗପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ପ୍ରମୋଦ କୁମାର ପାଢ଼ୀ, ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ, ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ଜିଲା ପରିଷଦ ଜୋନ୍-୧ ସଭ୍ୟା ବର୍ଷାରାଣୀ ପଟେଲ, ଜୋନ-୨ ସଭ୍ୟା କେତକୀ ମଲୀ ଗୌଡ଼, ଅନକାବେଡା ସରପଞ୍ଚ ଚନ୍ଦ୍ରିକା ମରେଇ ଏବଂ ସମିତି ସଭ୍ୟା ଗୌରୀ ନାଗ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ।

ଡାକ୍ତର ମଳୟ ତ୍ରିପାଠୀ, ଅନୁରାଗ ମଲିକ, ସଲମ ଏମ୍.କେ. ସୁମନ୍ତ ରାଉଳ, ଶର୍ମିଷ୍ଠା ଦାଶ, ଅପଥଲାମିକ ଆସିଷ୍ଟାଣ୍ଟ ରାମଚନ୍ଦ୍ର ରାମ, ଡାକ୍ତର ପୀର ଶତପଥୀ, ମନୀଷ ପୁରୋହିତ, ସୌମ୍ୟରଞ୍ଜନ ସାହୁ, ବସନ୍ତ ଷଡ଼ଙ୍ଗୀ(ଆୟୁଷ), ସଞ୍ଜୀବ କିସପାଟା, ଶ୍ରୀନିବାସ ନାୟକ, ରାଜେନ୍ଦ୍ର ମେହେର ପ୍ରମୁଖ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ୮୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଛି। ଏଠାରେ ଆୟୋଜିତ ରକ୍ତଦାନ ଶିବିରରେ ୧୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ବ୍ଲକ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାହାମଣି ହେମ୍ବ୍ରମ, ପ୍ରୋଗ୍ରାମ ମ୍ୟାନେଜର ସୁଦୀପ୍ତ ରଞ୍ଜନ ରାଉତ, ବିଡିଏମ ରୁଦ୍ର ନାୟକ, ବିଡିଓ ଧର୍ମରାଜ ମାଝି, ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ ପ୍ରହରାଜ, ଆଡିସିନାଲ ତହସିଲଦାର ନୀଳାମ୍ବର ପୂଜାରୀ, ଥାନାଧିକାରୀ ପରମାନନ୍ଦ ସୁନାନୀ, ମହିଳା ଓ ଶିଶୁ ବିକାଶ ଅଧିକାରୀ ସୋରେନ୍ଦ୍ରୀ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଅନକାବେଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଅନ୍ତଃ ଚିକିତ୍ସା କେନ୍ଦ୍ର ଗୃହ ଏବଂ କଲ୍ୟାଣ ମଣ୍ଡପକୁ ଏମ୍‌ପି ଓ ବିଧାୟକ ଉଦ୍‌ଘାଟନ କରିଥିଲେ।

### ମୁନିଗୁଡ଼ା ବ୍ରାହ୍ମଣ ସମାଜର ୫ ସଦସ୍ୟ ସମ୍ମାନିତ



ମୁନିଗୁଡ଼ା,୨୪।୪(ଡି.ଏନ୍.ଏ.)

ରାଉରକେଲାସ୍ଥିତ ଉଦିତନଗର ଜଗନ୍ନାଥ ମନ୍ଦିର ପରିସରରେ ରାଉରକେଲା ଶାଖା ପକ୍ଷରୁ ଅନୁଷ୍ଠିତ ହୋଇଥିବା ଅଖିଳ ଭାରତୀୟ ପଣ୍ଡିତ ମହାସଭାରେ ମୁନିଗୁଡ଼ା ବ୍ରାହ୍ମଣ ସମାଜର ୫ ସଦସ୍ୟଙ୍କୁ ସମ୍ମାନିତ କରାଯାଇଛି। ମୁନିଗୁଡ଼ା ବ୍ଲକ ବ୍ରାହ୍ମଣ ସମାଜର ସଭାପତି ସନ୍ତୋଷ କୁମାର ବ୍ରହ୍ମା, ବରିଷ୍ଠ ସଦସ୍ୟ ତଥା ପୂର୍ବତନ ସମ୍ପାଦକ ଅଶ୍ୱିନୀ ପଣ୍ଡା, ପ୍ରଣବ କୁମାର ନିଶଙ୍କ, କୋଷାଧ୍ୟକ୍ଷ ସିମାଞ୍ଚଳ ଦାସ, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଓ ଅମ୍ବାଦଳାର ବିଜୟ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଛି। ସମାଜ ପ୍ରତି ଉତ୍ସର୍ଗୀକୃତ ସେବା ପାଇଁ ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁମାନେ ସମସ୍ତଙ୍କୁ ସମ୍ମାନିତ କରିଛନ୍ତି। ଉକ୍ତ ମହାସଭାରେ 'ବିଶ୍ୱ କଲ୍ୟାଣ ଓ ମନୁଷ୍ୟ ଦାୟିତ୍ୱବୋଧତା' ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ମୁନିଗୁଡ଼ାର ୫ ସଦସ୍ୟ ଭାଗନେଇ ଉତ୍ତମ ଓ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖି କରି ସମାଜର ଉନ୍ନତି ଉପରେ ପରାମର୍ଶ ଦେଇଥିଲେ। ବିଭିନ୍ନ ଜିଲାରୁ ଆସିଥିବା ପ୍ରତିନିଧିମାନେ ମଧ ଏହା ଉପରେ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ।

### ବାରମ୍ବାର ବିଦ୍ୟୁତ୍ କାଟ ବଢ଼ାଉଛି ଅସନ୍ତୋଷ

ମୁନିଗୁଡ଼ା,୨୪।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ଅଞ୍ଚଳରେ କିଛିଦିନ ହେଲା ଘନଘନ ବିଦ୍ୟୁତ୍ କାଟ ହେଉଛି। ସକାଳ ୬ଟାରୁ ସାଢ଼େ ୬ ଟା ଏବଂ ରାତିରେ ସାଢ଼େ ୭ ଟାରୁ ୮ ଟା ପର୍ଯ୍ୟନ୍ତ ପାୱାର କଟ୍ ହେଉଛି। ଏହା ବ୍ୟତୀତ ଦିନତମାମ ପ୍ରାୟ ୮ରୁ ୧୦ ଘଣ୍ଟା ସମୟ ବିଦ୍ୟୁତ୍ କାଟ ହେଉଛି। କାରଣ ବୁଝିଲେ କେତେବେଳେ ମରାମତି କାମ ଚାଲିଥିବା ଆଉ କେତେବେଳେ ବର୍ଷା ଓ ପବନ ଯୋଗୁ ବିଦ୍ୟୁତ୍ କାଟ ହେଉଥିବା କୁହାଯାଉଛି। ପ୍ରବଳ ଗରମ ସମୟରେ ଏଭଳି ବିଦ୍ୟୁତ୍ କାଟକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

### ବନପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ମୁନିଗୁଡ଼ା,୨୪।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ବନଖଣ୍ଡ ମୁନିଗୁଡ଼ା ବନାଞ୍ଚଳ ଅଧୀନ ଦୁର୍ଗୀ ସେକ୍ସନରେ କାର୍ଯ୍ୟରତ ବନପାଳ ଆଦିତ୍ୟ କୁମାର ପ୍ରଧାନଙ୍କ ଉପ ବନାଞ୍ଚଳ ଅଧିକାରୀ ଭାବେ ପଦୋନ୍ନତି ହୋଇଛି। ଅନଗୋଳ ବନଖଣ୍ଡକୁ ତାଙ୍କର ବଦଳି ହୋଇଛି। ମୁନିଗୁଡ଼ାଠାରେ ବିଦାୟୀ ବନପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ପୂର୍ବତନ ବନପାଳ ହରିଶ୍ଚନ୍ଦ୍ର ମାର୍ଥା, ବନପାଳ ସୁରେଶ ଚନ୍ଦ୍ର ପାତ୍ର, ଗୌତମ ପଣ୍ଡା, ଡମ୍ବରୁଧର ସେନାପତି, ଗିରି ପ୍ରଧାନୀ, ପ୍ରଳୟ କୁମାର ଦଣ୍ଡସେନାଙ୍କ ସମେତ ବହୁ ବିଭାଗୀୟ



କର୍ମଚାରୀ ଉପସ୍ଥିତ ଥିଲେ। ସଦର ମହକୁମା ବନପାଳ ପ୍ରମୋଦିନୀ ମାଣ୍ଡାଙ୍ଗୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କଲ୍ୟାଣସିଂହପୁର ବନାଞ୍ଚଳ ଅଧିକାରୀଙ୍କ ବିୟୋଗରେ ଏଠାରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସହଯୋଗୀ ସଙ୍ଗଠନର ବିଘ୍ନରାଜ ମିଶ୍ର, ସୁଧୀର କୁମାର ଦାସ, ଅବିନାଶ ନାୟକ, ବନରକ୍ଷୀ ପୁଷ୍ପାଞ୍ଜଳି ନାୟକ, ଲୀନା କୁମାରୀ ଦଣ୍ଡସେନା, ସୁବାସିନି ମୂଳି, କୁନି କୁଣ୍ଡୁଲିଆ, କମଳ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତ ଅଫିସରେ ତାଲା ପକାଇ ବିକ୍ଷୋଭ

ସୂଚନା ନ ଦେଇ ଗ୍ରାମସଭା ଚାଲିଥିବା ଅଭିଯୋଗ

କୋଡିଙ୍ଗା,୨୪।୪(ଡି.ଏନ୍.ଏ.)

ନବ ନିର୍ବାଚିତ ୱାର୍ଡମେମ୍ବର ଓ ଗ୍ରାମବାସୀଙ୍କୁ ଗ୍ରାମସଭା ସମ୍ପର୍କରେ ସୂଚନା ଦିଆ ଯାଇ ନ ଥିଲା। ସରପଞ୍ଚ ଓ ୱାର୍ଡମେମ୍ବରଙ୍କ ଅନୁପସ୍ଥିତିରେ ଅନୁଷ୍ଠିତ ହେବାକୁ ଯାଉଥିଲା ସ୍ୱତନ୍ତ୍ର ଗ୍ରାମସଭା। ପ୍ରଶାସନ ଲୋକପ୍ରତିନିଧି ଓ ଜନସାଧାରଣଙ୍କୁ ଅଣଦେଖା କରିଥିବା ଅଭିଯୋଗ ଆଣି ଗ୍ରାମସଭାକୁ ପ୍ରତ୍ୟାଖ୍ୟାନ କରି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ଠୁଙ୍କିଲେ ୱାର୍ଡମେମ୍ବର ଓ ଗ୍ରାମବାସୀ। ଏଭଳି ଦୃଶ୍ୟ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ସଦର ଏକୋରି ପଞ୍ଚାୟତରେ ଦେଖିବାକୁ ମିଳିଛି।

ବ୍ଲକର ଏକୋରିଠାରେ ରବିବାର ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହେବାର ଥିଲା। ନୋଡାଲ ଅଫିସର ଭାବେ ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରୀତମ ବିଷୋୟୀ ଅଳ୍ପ କେତେଜଣ ଲୋକଙ୍କୁ ନେଇ ପଞ୍ଚାୟତ ଅଫିସ ପରିସରରେ ସ୍ୱତନ୍ତ୍ର ଗ୍ରାମସଭା କରିଥିଲେ। ବୈଠକର ଘଣ୍ଟାଏ ବିଳମ୍ବରେ ସରପଞ୍ଚ ଭାନୁମତୀ ଭତ୍ରା ଆସି ପହଞ୍ଚିଥିଲେ। ନବ ନିର୍ବାଚିତ ୱାର୍ଡମେମ୍ବର, ଅଙ୍ଗନୱାଡି କର୍ମୀ, ମହିଳା ସଶକ୍ତୀକରଣ ବିଭାଗର କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀଙ୍କୁ ପୂର୍ବରୁ ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇ ନ ଥିବା ଯୋଗୁ ସେମାନେ ଗ୍ରାମସଭା ସମ୍ପର୍କରେ ଜାଣି ପାରି ନ ଥିବା ଅଭିଯୋଗ ହୋଇଛି। ଗ୍ରାମସଭାକୁ ବିରୋଧ କରି ୱାର୍ଡମେମ୍ବର ଅମ୍ବିକା ମାଝି, ଜଗତସିଂ ଭତରା, ଏକଲବ୍ୟ ଭତରା, ଋଷିକେଶ ମାଝି, ତ୍ରିନାଥ ଭତ୍ରା, ନୟନା ଭତ୍ରା, କମଳଚନ ମାଝି, ଦୟା ପୂଜାରୀ, କମଲୁ ଗୌଡ, କେମ ମାଝି, ମନସିଙ୍ଗ ପୂଜାରୀ, ହରି ମାଝି ଓ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବହୁ ସମୟ ଧରି ସରପଞ୍ଚ ପଞ୍ଚାୟତ କାର୍ଯ୍ୟାଳୟରେ ରହିଥିଲେ। ଲୋକଙ୍କ ବହୁ ସମସ୍ୟା ରହିଥିବା ବେଳେ ଲୋକଙ୍କୁ ନ ଜଣାଇ ଏଭଳି ଭିତିରିଆ ଗ୍ରାମସଭା କଲେ ଆଗାମୀ ଦିନରେ ସବୁଦିନ ପାଇଁ ପଞ୍ଚାୟତରେ ତାଲା ଠୁଙ୍କିଦେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ଗ୍ରାମସଭା ନୋଡାଲ ଅଫିସର ପ୍ରୀତମ ବିଷୋୟୀଙ୍କୁ ଯୋଗାଯୋଗ କରିବାରୁ ବୈଠକ ସମ୍ପର୍କରେ ସୂଚନା ଦେବା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାମ। ନୋଡାଲ ଅଫିସର ଭାବେ ଯୋଗ ଦେଇ ମୁଁ ମୋ କାମ କରୁଥିଲି। ପାଟିତୁଣ୍ଡ ଯୋଗୁ ବୈଠକ ଅଧାରେ ଅଟକି ଯାଇଥିଲା। ଏନେଇ ଆମେ ଏକୋରି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯୁଧିଷ୍ଠିର ରାଜଗୋଣ୍ଡଙ୍କୁ ଯୋଗାଯୋଗ କରିବାରୁ ବୈଠକ ସମ୍ପର୍କରେ ପୂର୍ବରୁ ସୂଚନା ଦିଆଯାଇଥିଲା ବୋଲି ସେ କହିଛନ୍ତି। ତେବେ ଏକୋରି ବ୍ୟତୀତ ଅନ୍ୟ ୨ ପଞ୍ଚାୟତରେ ଦାୟିତ୍ୱ ମୋ ଉପରେ ଅଛି। ତେଣୁ ଏଠାରେ କ'ଣ ହୋଇଛି ସେ ନେଇ କୌଣସି ସୂଚନା ନାହିଁ ବୋଲି ସେ କହିଛନ୍ତି।



ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଗ୍ରାମବାସୀ, ଲୋକପ୍ରତିନିଧି ବିକ୍ଷୋଭ କରୁଛନ୍ତି।

## ରାଜ୍ୟସ୍ତରକୁ ୬ ପ୍ରକଳ୍ପ ମନୋନୀତ




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ସରିଲା ଜିଲାସ୍ତରୀୟ ବିଜ୍ଞାନ ମେଳା

ନବରଙ୍ଗପୁର,୨୪।୪(ବି.ପ୍ର.)

ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଡିଇଓ ପ୍ରଦୀପ ନାଗ ଏହାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ , ଗଣିତ ଓ ପରିବେଶ ପ୍ରକଳ୍ପଗୁଡିକ ଏହି ମେଳାରେ ପ୍ରଦର୍ଶିତ ହୋଇଥିଲା। ଜିଲାର ୧୦ ବ୍ଲକର ୬୦ଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ୬ଟି ପ୍ରକଳ୍ପ ରାଜ୍ୟସ୍ତରକୁ ଚୟନ କରାଯାଇଛି। ବିଚାରକ ଭାବେ ଜିଲା ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରର ପ୍ରଶିକ୍ଷକ ଓମ୍‌କାର ପଟ୍ଟନାୟକ, କର୍ଚାମାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସନ୍ତୋଷ ଷଡଙ୍ଗୀ ଯୋଗ ଦେଇଥିଲେ। ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥିଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଉପସ୍ଥିତ ଥିଲେ। ସେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଡିଇଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏଡିଇଓ ରମେଶ ଲାଲ ନାୟକ, ଆର୍‌ସିଡ଼ି ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ନାୟକ ଯୋଗ ଦେଇଥିଲେ। ଝରିଗୁମା ହାଇସ୍କୁଲ ଛାତ୍ରୀ ତପସ୍ୱିନୀ ତରାସିଆ ପ୍ରଥମ, ସାନ ଟେମରା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଜୟ ମଣ୍ଡଳ ଦ୍ୱିତୀୟ, ଖୁଟୁଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ରଞ୍ଜୁଲା ଗଣ୍ଡ ତୃତୀୟ, ଖୁଣ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଜ୍ଞାସନି ଚତୁର୍ଥ, ଭାଟିଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପିଙ୍କିଘାସି ପଞ୍ଚମ, ବଡ କୁମାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଟିଙ୍କୁ ସର୍ଦ୍ଦାର ଷଷ୍ଠ ସ୍ଥାନ ପାଇଛନ୍ତି। ସେମାନଙ୍କ ପ୍ରକଳ୍ପ ରାଜ୍ୟସ୍ତରକୁ ପାଇଁ ମନୋନୀତ ହୋଇଛି । ଶିକ୍ଷକ ବୈକୁଣ୍ଠ ନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଓଲମାରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା

ଡାବୁଗାଁ, ୨୪।୪ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବଡଓଲମା ଆଶ୍ରମ ବିଦ୍ୟାଳୟରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଡା.ଶୁଭାଶିଷ ସାହୁଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ,ଡାବୁଗାଁ ବ୍ଲକ ଅଧକ୍ଷା ବୀଣା ମାଝି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କରିଥିଲେ । ୟୁନିସେଫର ଡା. ସମାଧାନ, ନବରଙ୍ଗପୁର ଏଡିପିଏଚଓ ଡା. ନୀଳମଣି ସେନାପତି, ଭେଷଜ ବିଶେଷଜ୍ଞ ବିଶ୍ୱଜିତ ସାହୁ, ଡା. ଶମ୍ଭୁ ପ୍ରସାଦ ଶତପଥୀ, ପାପଡାହାଣ୍ଡି ଡା. ରୋଜାଲିନୀ ପ୍ରଧାନ, ଦନ୍ତ ଚିକିତ୍ସକ ଡା. ସ୍ୱାଗତିକା ପ୍ରିୟଦର୍ଶନୀ ୬୭୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରିକ୍ଷା କରିଥିଲେ। ସେମାନଙ୍କୁ ମାଗଣାରେ ଔଷଧ ଦିଆଯାଇଛି। ସ୍ୱାସ୍ଥ୍ୟମେଳାରେ ଆୟୋଜିତ ଏକ ରକ୍ତଦାନ ଶିବିରରେ ୧୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ବରିଷ୍ଠ ଖବରଦାତା ରବିନାରାୟଣ ମହାନ୍ତି, ପ୍ରଜ୍ଞାରଞ୍ଜନ ପରିଡା, ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ବେହେରା ରକ୍ତଦାନ କରିଥିଲେ।



# ଖରା ସାଙ୍ଗକୁ ବଢ଼ୁଛି ଅଘୋଷିତ ବିଦ୍ୟୁତ୍‌କାଟ, ଲୋକେ ଅତିଷ୍ଠ

ଉମରକୋଟ, ୨୪।୪(ସ୍ୱ.ପ୍ର.)

ବଢ଼ିଲାଣି ତାତି। ନବରଙ୍ଗପୁର ଜିଲା ଉମରକୋଟରେ ଏବେ ତାପମାତ୍ରା ୩୫ରୁ ୪୨ ଡିଗ୍ରୀ ରହୁଛି। ଏହା ମଧ୍ୟରେ ବୋଝ ଉପରେ ନଳିତା ବିଡା ଭଳି କାର୍ଯ୍ୟ କରୁଛି ବିଦ୍ୟୁତ୍ ବିଭାଗ। ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ଲୋକେ ଅତିଷ୍ଠ ହୋଇଗଲେଣି। ଏହି ସମସ୍ୟାର ସମାଧାନ ତୁରନ୍ତ ନ ହେଲେ ଆନ୍ଦୋଳନ ହେଇପାରେ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା କରୁଛନ୍ତି।

ପୂର୍ବରୁ ଡାବୁଗାଁ ବିଦ୍ୟୁତ୍ ଷ୍ଟେଶନ ଦେଇ ଉମରକୋଟକୁ ବିଜୁଳି ଆସୁଥିଲା। ତାର ପୁରୁଣା ଥିବାରୁ କରେଣ୍ଟ ବାରମ୍ବାର କଟୁଛି ବୋଲି ଅଧିକାରୀମାନେ ସେତେବେଳେ କହୁଥିଲେ। ଏହାପରେ ଉମରକୋଟ ବ୍ଲକ ଅଧୀନ ଅଧିକାରୀଗୁଡାରେ ଏକ ଗ୍ରୀଡ଼ ଷ୍ଟେଶନ କରାଗଲା। ଆଖପାଖ ଅଞ୍ଚଳର ସବୁ ପୁରୁଣା ତାର ବଦଳାଇ ନୂଆ ତାର ଲଗାଗଲା। କିଛି ଦିନ ପାଇଁ ସ୍ଥିତିରେ ସାମାନ୍ୟ ସୁଧାର ଆସିଲା। ଏବେ କିନ୍ତୁ ପୁଣି ଅଘୋଷିତ ବିଦ୍ୟୁତକାଟ ଆରମ୍ଭ ହୋଇଯାଇଛି। ଦିନତମାମ ବାରମ୍ବାର ବିଦ୍ୟୁତକାଟ ହେବାରୁ ଛାତ୍ରୀଛାତ୍ର, ବୟସ୍କ ଲୋକେ, ବ୍ୟବସାୟୀ ଅଧିକ ମାତ୍ରାରେ ହଇରାଣ ହେଉଛନ୍ତି। ସନ୍ଧ୍ୟାରେ କରେଣ୍ଟ ସମସ୍ୟା ଯୋଗୁ ପିଲାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଠପ ହୋଇପଡୁଛି। ବର୍ତ୍ତମାନ ପରୀକ୍ଷା ସମୟ ଥିବାରୁ କରେଣ୍ଟ ଯିବା ଆସିବା ଫଳରେ ଛାତ୍ରୀଛାତ୍ର ବିରକ୍ତ ହୋଇ ପାଠ ପ୍ରତି ଧ୍ୟାନ ଦେଉନାହାନ୍ତି। ମେଣ୍ଟେନାନ୍ସ ନାମରେ ଦିନରେ କରେଣ୍ଟ ରହୁଛି। ସନ୍ଧ୍ୟା ସମୟରେ ଗଛ ମଧ ସାମାନ୍ୟ ହଲିଗଲେ ବିଦ୍ୟୁତ କାଟ କରାଯାଉଛି। ଥରେ କରେଣ୍ଟ



ଉମରକୋଟସ୍ଥିତ ବିଦ୍ୟୁତ୍ ସବ୍‌ଷ୍ଟେଶନ ।

ଗଲେ ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଆସୁନି। ଏପଟେ କିନ୍ତୁ ବିଦ୍ୟୁତ୍ ଦର ବଢିବାରେ ଲାଗିଛି। ବିଦ୍ୟୁତ୍ ବିଲ୍ ନ ବାନ୍ଧିଲେ ବିଦ୍ୟୁତ୍ କାଟି ଦେବୁ ବୋଲି ଧମକ ମିଳୁଛି। ବିଲ୍ ପୈଠ କଲେ ମଧ ସେବା ଠିକ୍‌ଭାବେ ମିଳୁନି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଅଘୋଷିତ ବିଦ୍ୟୁତ୍ କାଟ ନ କରିବାକୁ ଦାବିପତ୍ର ଦେଇଥିଲେ ମଧ ଏ ପର୍ଯ୍ୟନ୍ତ ଏହାର ସମାଧାନ ହେଉନି। ଏ ନେଇ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଜ୍ଞାନବର୍ଦ୍ଧନ ବେହେରାଙ୍କୁ ପଚାରିବାରୁ ଖରାଦିନ ଯୋଗୁ ବିଦ୍ୟୁତ୍ ବ୍ୟବହାର ବଢ଼ିଯାଇଛି । ଆବଶ୍ୟକତା ତୁଳନାରେ ବିଦ୍ୟୁତ୍ ଯୋଗାଣ ଟିକେ କମ ହେଉଛି। କିଛି ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି। ଭୁବନେଶ୍ୱର କଣ୍ଟ୍ରୋଲ ରୁମରୁ ବାଲାନ୍ସ ପରିଚାଳନା କରାଯାଉଛି। ଭୁବନେଶ୍ୱରରୁ ଖବର ଆସିଲେ ଏପଟେ ବିଦ୍ୟୁତ୍‌କାଟ ହେଉଛି ବୋଲି ସେ କହିଛନ୍ତି। ବିଦ୍ୟୁତ୍ ବିଭାଗ ଏଥିପ୍ରତି ଧ୍ୟାନ ନ ଦେଲେ ଆଗାମୀ ଦିନରେ ଏକ ବଡ଼ ଧରଣର ଆନ୍ଦୋଳନ ହେବାର ଆଶଙ୍କା ରହିଛି।

**ପାଲିଗୁଡାରେ ଗୋଶାଳା ଉଦ୍‌ଘାଟିତ**

ଜୟପୁର(ନି ପ୍ର)- ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦର ପଞ୍ଚାୟତର ଗୋପାଳ ଗୋ ସେବା ସମିତି ପକ୍ଷରୁ ପାଲିଗୁଡାଠାରେ ରବିବାର ଏକ ଗୋଶାଳାକୁ ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି । ଗୋଶାଳାର ଅଧକ୍ଷ ପ୍ରକାଶ ନାୟକ, ସଭାପତି ରଜନୀକାନ୍ତ ନାୟକ, ଉପ ସଭାପତି ବିଷ୍ଣୁ ପ୍ରସାଦ ସାହୁ, ସମ୍ପାଦକ ରାଜ କିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଗୋ ବଂଶ ସୁରକ୍ଷା, ରୁଗଣ ଗୋ ସମ୍ପଦ ଚିକିତ୍ସା, ବୁଲା ଗୋରୁଙ୍କୁ ଥଇଥାନ, ମୃତ ଗୋରୁଗାଈଙ୍କ ସଂସ୍କାର ଆଦି କାର୍ଯ୍ୟକ୍ରମ ଗୋଶାଳା ତରଫରୁ କରାଯାଉଛି । ଉଦ୍‌ଘାଟିତ ଗୋଶାଳାରେ ଶହେ ଗୋରୁଗାଈ ରହିବା ବ୍ୟବସ୍ଥା ହୋଇଛି। ଶ୍ରୀ ଗୋପାଳ ଗୋ ସେବା ସମିତି ନାମରେ ଗଠିତ ଟ୍ରଷ୍ଟରେ ୨୫ ଜଣ ଟ୍ରଷ୍ଟି, ୬୮ ଜଣ ଆଜୀବନ ସଭ୍ୟ ରହିଛନ୍ତି।

## ସଂକ୍ଷେପରେ

### ଦେଢ଼ଶାଶୁଙ୍କୁ ପ୍ରତାରଣା, ଥାନାରେ ମାମଲା

ଦଶମନ୍ତପୁର, ୨୪।୪ ( ଡି.ଏନ.ଏ.)- ବିବାହ କରି ବୋହୂ କରି ନେବାକୁ ପ୍ରତିଶ୍ରୁତି ଦେଇ ଜଣେ ବ୍ୟକ୍ତି ତାଙ୍କ ଦେଢ଼ଶାଶୁଙ୍କୁ ଠକିଛନ୍ତି। ଏହାକୁ ନେଇ ସମ୍ପୃକ୍ତା ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଏକ ଘଟଣା କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡା ପଞ୍ଚାୟତର କାଳିଆମ୍ବ ଗ୍ରାମରେ ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି, କାନୁଗୁଡା ଗ୍ରାମର ବିଶ୍ୱନାଥ ସାହୁ କାଳିଆମ୍ବ ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। କୌଣସି କାରଣରୁ ୩ ବର୍ଷ ତଳେ ସ୍ତ୍ରୀ ନିଆଁରେ ପୋଡ଼ି ମୃତ୍ୟୁବରଣ କରିଥିଲେ। ତାଙ୍କର ଦୁଇଟି ଶିଶୁକନ୍ୟା ଥିଲେ। ଗତ କିଛି ମାସ ହେଲା ବିଶ୍ୱନାଥ ଶ୍ୱଶୁର ଘର କାଳିଆମ୍ବ ଗ୍ରାମକୁ ଆସିଥିଲେ। ଶ୍ୱଶୁରଙ୍କୁ ତୁମର ଆଉଗୋଟେ ଝିଅକୁ ମୋତେ ବିବାହ ଦିଅ, ତୁମ ନାତୁଣୀମାନେ ହଇରାଣ ହେଉଛନ୍ତି ବୋଲି କହି ଅନୁରୋଧ କରିଥିଲେ। ପରେ ଦେଢ଼ଶାଶୁଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଶାରୀରିକ ସମ୍ପର୍କରୁ ଦେଢ଼ଶାଶୁ ଗର୍ଭବତୀ ହୋଇଥିଲେ। ଏହା ଜଣାପଡିବା ପରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ବିଶ୍ୱନାଥ ଦେଢ଼ଶାଶୁଙ୍କୁ ବିବାହ କରିବେ ନାହିଁ ବୋଲି ମନା କରି ନିଜ ଗ୍ରାମ କାନୁଗୁଡାକୁ ଚାଲିଯାଇଥିଲେ। ଏନେଇ ରବିବାର ସମ୍ପୃକ୍ତା ମହିଳାଙ୍କ ବାପା ଦଶମନ୍ତପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନା ଅଧିକାରୀ ବିଜୟ ରାଜ ମାଝୀଙ୍କୁ ପଚାରିବାରୁ ସେ କହିଲେ, ଅଭିଯୋଗକାରୀଙ୍କ ଏତଲା ମିଳିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

### ଚିମରାଗୁଡା ଅଙ୍ଗନୱାଡି କେନ୍ଦ୍ରରୁ ସୋଲାର୍ ଚୋରି

ଦଶମନ୍ତପୁର, ୨୪।୪ (ଡ଼ି.ଏନ.ଏ.)- ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପରଜାବେଢ଼ା ପଦର ପଞ୍ଚାୟତ ଚିମରାଗୁଡା ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରର ସୋଲାର୍ ଓ ସୋଲାର ଲାଇଟ୍‌କୁ ଶନିବାର ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଛି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ୍ ଥିବା ବେଳେ ସୋଲାର୍ ବ୍ୟାଟେରି ଦ୍ୱାରା ମୋବାଇଲ ଫୋନରେ ବିଭିନ୍ନ ଗୀତ ବଜାଇ ପିଲାଙ୍କ ନାଚ ଗୀତ କରାଯାଉଥିଲା। ଏହି ସୋଲାରଟି ରବିବାର ନ ଥିବା ଦେଖି ସେ ଖୋଜାଖୋଜି କରିଥିଲେ ବୋଲି ଅଙ୍ଗନୱାଡ଼ି କର୍ମୀ କୁମାରୀ ଦାସ କହିଛନ୍ତି। ଏତଲା ଅନୁସାରେ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ଗଛରେ ପିଟିହୋଇ ବାଇକ ଚାଳକ ମୃତ

ମାଲକାନଗିରି,୨୪।୪ (ଡି.ଏନ.ଏ.)- ଏକ ସଡକ ଦୁର୍ଘଟଣାରେ ରବିବାର ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁପଲିଗୁଡ଼ା ଗ୍ରାମର ମଙ୍ଗଳା ଖରା। ଖଇରପୁଟ ବ୍ଲକ ପରକାନମାଲା ପଞ୍ଚାୟତ ଟେକଗୁଡ଼ା ଗ୍ରାମ ଅଭିମୁଖେ ଯାଉଥିବା ମଙ୍ଗଳା ଟେକଗୁଡ଼ା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି କୁଡୁଗୁଲୁଗୁମ୍ମା ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଜଙ୍ଗଲରେ ଗଞ୍ଜେଇ ଚାଲାଣ ବେଳେ ଚଢାଉ
### ୫ କୁଇଣ୍ଟାଲ ୨୬ କେଜି ଗଞ୍ଜେଇ ଜବତ, ୨ ଗିରଫ

କାଲିମେଲା, ୨୪।୪(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଲା ପୋଲିସ ଘଞ୍ଚ ଜଙ୍ଗଲ ଭିତରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ବେଳେ ଚଢାଉ କରି ଏହାକୁ ଜବତ କରିଛି। ଜବତ ଗଞ୍ଜେଇର ପରିମାଣ ୫ କୁଇଣ୍ଟାଲ ୨୬ କେଜି ୩ଶହ ଗ୍ରାମ। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ପାଲାଗେଡା ଅଞ୍ଚଳର କରା ସାମୁ (୩୫) ଏବଂ ଏମଭି-୭୯ ଥାନା ଅନ୍ତର୍ଗତ କଣ୍ଡେଲଗୁଡା ଗ୍ରାମର ଡମ୍ବରୁ ଶିଶା (୩୮)। ଖବରରୁ ଜଣାପଡିଛି କାଲିମେଲା ଥାନା କବାସିଗୁଡା ଗ୍ରାମ ପାଖ ଜଙ୍ଗଲରେ ଶନିବାର ସକାଳେ ଗଞ୍ଜେଇ କାରବାର ଚାଲିଥିବା ଖବର ପାଇ ଥାନା ଅଧିକାରୀ ରଘୁନାଥ ମାଝୀଙ୍କ ନିର୍ଦ୍ଦେଶରେ ଏସଆଇ ସଞ୍ଜୟ କୁମାର ବଡସେଠୀଙ୍କ ତତ୍ତ୍ୱାବଧାନରେ ଏକ ଟିମଜଙ୍ଗଲରେ ଚଢାଉ କରିଥିଲେ। ଘଟଣା ସ୍ଥଳରୁ ୧୫ଟି ବସ୍ତାରେ ରହିଥିବା ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା। ଘଟଣା ସ୍ଥଳରୁ ଗୋଟିଏ ଅଟୋ ଏବଂ ଗୋଟିଏ ବାଇକ୍‌କୁ ମଧ ଜବତ କରାଯାଇଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏସଆଇ କୃଷ୍ଣା କୁମାରୀ ପ୍ରଧାନ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି।

# ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା

ମାଲକାନଗିରି/କୁଡୁମୁଲୁଗୁମ୍ମା, ୨୪।୪ (ଡି.ଏନ୍.ଏ.)

ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ମାଲକାନଗିରି ଜିଲାରେ ୭ଟି ବ୍ଲକର ୧୧୧ ଟି ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ନବ ନିର୍ବାଚିତ ପଞ୍ଚାୟତ ଜନ ପ୍ରତିନିଧିଙ୍କ ସହ ପିଇଓ, ଗ୍ରାମ ରୋଜଗାର ସେବକ, ପ୍ରତି ୱାର୍ଡରେ ୱାର୍ଡମେମ୍ବର, ସମିତିସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ଦୀର୍ଘ ସ୍ଥାୟୀ ବିକାଶର ଆଧାର, ଲୋକମାନଙ୍କ ସହଭାଗିତାରେ ନିରନ୍ତର ଆର୍ଥିକ ଅଭିବୃଦ୍ଧି, ସାମାଜିକ ବିକାଶ, ପରିବେଶ ସୁରକ୍ଷା, ପଞ୍ଚାୟତବାସୀଙ୍କ ନ୍ୟାର୍ଯ୍ୟ ଅଧିକାର, ନିରାପତ୍ତା, ସୁଶାସନ, ଓ ଆଇନର ଶାସନର ମହତ୍ୱ ଉପଲବ୍ଧି ସମ୍ପର୍କରେ ଆଲୋଚନା ହୋଇଥିଲା। ନିଜ ଅଞ୍ଚଳରେ ବିକାଶ, ସ୍ୱାସ୍ଥ୍ୟ, ଖାଦ୍ୟ, ଗମନାଗମନ, ଶିକ୍ଷା ବିଦ୍ୟୁତ୍ ବାର୍ଦ୍ଧକ୍ୟ ଭତା, ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଏବଂ କୃଷିକୁ



କୁଡୁମୁଲୁଗୁମାରେ ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ।

ଅଗ୍ରାଧିକାର ଭିତ୍ତିରେ ଗ୍ରାମସଭାରେ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କଲେ ପଞ୍ଚାୟତଗୁଡିକର ବିକାଶ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ବୀରଲକ୍ଷ୍ମଣପୁର ପଞ୍ଚାୟତ ଗ୍ରାମସଭାରେ ସରପଞ୍ଚ ନିଳକଣ୍ଠ ଖୋଲା, ପିଇଓ ଶୁଭ୍ରାଂଶୁ ନାୟକ, ନୋଡାଲ ଅଧିକାରୀ ଦେବାଶିଷ ନାୟକ, ସେହିପରି ତଣ୍ଡାପାଲ୍ଲୀ ପଞ୍ଚାୟତର ସରପଞ୍ଚ ମମିତା ମାଡକାମି, ଗ୍ରାମ ରୋଜଗାର ସେବକ ଶଙ୍କର କର୍ମକାର ଉପସ୍ଥିତ ଥିଲେ।

କୁଡୁମୁଲୁଗୁମ୍ମା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଥିବା ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସରେ କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଡୀ ସଭାପତିତ୍ୱ କରିଥିଲେ। ସମିତି ସଭ୍ୟା ମୁନି ସଗରିଆ, ନାଏବ ସରପଞ୍ଚ ହସମତୀ ହନ୍ତାଲ, ପୂର୍ବତନ ସରପଞ୍ଚ ଗୋପୀ ପାଙ୍ଗୀ,ଗଣେଶ ପୂଜାରୀ, ସମାଜିକ କର୍ମୀ ଭଗବାନ ସାହୁ, ଜ୍ୟୋତି ରଞ୍ଜନ ବେହେରା, ୱାର୍ଡସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଯୋଗଦେଇ ପଞ୍ଚାୟତ ବ୍ୟବସ୍ଥାରେ ଜନସାଧାରଣ ଉପକୃତ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ରାଷ୍ଟ୍ର ଉଦ୍ଦେଶ୍ୟରେ ଏକ ସଂକଳ୍ପପତ୍ର ପାଠ କରାଯାଇଥିଲା ।

# ଶଙ୍ଖ, ହୁଳହୁଳି ଆଭାସୀ ପ୍ରତିଯୋଗିତା

ଜୟପୁର (ନି.ପ୍ର.)

ତରୁଣ ପ୍ରଜ୍ଞା ଭାରତୀ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ରାଜ୍ୟସ୍ତରୀୟ ଶଙ୍ଖ ଓ ହୁଳହୁଳି ଆଭାସୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ପଢୁଥିବା ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ହୁଳହୁଳି ପ୍ରତିଯୋଗିତାରେ ଜୟପୁର ଅରବିନ୍ଦ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ଶୁଭଶ୍ରୀ ପାଢ଼ୀ, କଟକ ସାଗର ଉଚ୍ଚ ବିଦ୍ୟାଳୟର ଫକୀର ବାରିକ, କଟକର ଛାତ୍ରୀ ଏଲିନା ପ୍ରିୟଦର୍ଶିନୀ ସାହୁ ଏବଂ କଟକ ଜିଲା ଉରାଳି ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପୁନମ ବେହେରା କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଶଙ୍ଖରେ ଉରାଳି ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମ ବେହେରା, କୋରାପୁଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅଂଶୁବାଳା ପାଢ଼ୀ ଏବଂ ଜୟପୁର ଅରବିନ୍ଦନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ହିମାଂଶୁ ସାହୁ କୃତକାର୍ଯ୍ୟ ହୋଇଛନ୍ତି। ବିଚାରକ ଭାବେ ପତଞ୍ଜଳି ଯୋଗ ସମିତିର ମହିଳା ସହ ରାଜ୍ୟ ପ୍ରଭାରୀ ଜାନକୀ ପାଣିଗ୍ରାହୀ, ସାମାଜିକ କର୍ମୀ କବିତା ସାହୁ ଓ ସୁନୀତା ମିଶ୍ର ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଡ.ଗଙ୍ଗାଧର ନନ୍ଦ, ସମ୍ପାଦକ ଯଜ୍ଞେଶ୍ୱର ପଣ୍ଡା, ସହ ସମ୍ପାଦକ ମନୋରଞ୍ଜନ ପଣ୍ଡା, ରବୀନ୍ଦ୍ର ମହାରଣା, ରାମ ଶଙ୍କର ଷଡ଼ଙ୍ଗୀ, ଦୀପ୍ତି ମାଝି ଏହାକୁ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସଭାପତି ଡ.ନନ୍ଦ କହିଛନ୍ତି।

# ସ୍ଥାନୀୟ ଶାସନ ବ୍ୟବସ୍ଥାର ଭୂମିକା ନେଇ ପ୍ରତିଯୋଗିତା



ମାଲକାନଗିରିରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ।

ମାଲକାନଗିରି,୨୪।୪ (ଡି.ଏନ୍.ଏ.)

ନୀତି ଆୟୋଗ ଦ୍ୱାରା ଜାରି ମାର୍ଗଦର୍ଶିକା ଅନୁସାରେ ଓ ଆଜାଦୀ କି ଅମୃତ ମହୋତ୍ସବ ପାଳନ ଅବସରରେ ରବିବାର ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ସରକାରୀ ବାଳିକା ବିଦ୍ୟାଳୟଠାରେ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଭାରତର ବିକାଶ ଧାରାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ସ୍ଥାନୀୟ ଶାସନର ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସେହିପରି ସ୍ଥାନୀୟ ପ୍ରଶାସନ ବ୍ୟବସ୍ଥାର ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଲିଖିତ ପ୍ରତିଯୋଗିତା ହୋଇଥିଲା। ଚିତ୍ରାଙ୍କନ ପ୍ରତି ଯୋଗିତାରେ ମଧ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ହରମୋହନ ବିଶ୍ୱାଳ ଉପସ୍ଥିତ ଥିଲେ। ଆଗାମୀ ଦିନରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଏହାର ଏକ ତାଲିକା ନୀତି ଆୟୋଗଙ୍କ ନିକଟକୁ ପଠାଯିବ।

# ୨୧ ଗିରଫ, ୭ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର

ଦାମନଯୋଡି,୨୪।୪(ଡିଏନ ଏ)

ନାଲକୋ ବିସ୍ଥାପିତ କଲୋନୀ ଝଡିଗୁଡ଼ା ସାହିରେ ଗୁରୁବାର ଘଟିଥିବା ଡବଲ ମର୍ଡର ଘଟଣାରେ ୨ଦିନ ଧରି ଅଟକ ଥିବା ୨୮ ଜଣଙ୍କ ମଧ୍ୟରୁ ରବିବାର ପୋଲିସ ୨୧ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ୭ ଜଣ ନାବାଳକ ଥିବାରୁ ସେମାନଙ୍କୁ ଜୟପୁରସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ଗିରଫ ୨୧ ଜଣଙ୍କ ମଧ୍ୟରେ ପ୍ରହଲ୍ଲାଦ ମାଳି, ଧନୁର୍ଜୟ ଗଲରୀ, ନାଥ ଜାନି, ଭଗବାନ ଗଲରି, ମିସ୍ର ପାଙ୍ଗି, ଅର୍ଜୁନ ଗଲରୀ, ରଥ ଜାନି, ଭୀମ ଖରା, କୃତ୍ତିବାସ ଗଲରି, ଦଇତାରୀ ଗଲରି, ଅନନ୍ତ ଗଲରି, ଲକ୍ଷ୍ମଣ ଗଲରି, ଜୟଦାନ ଜାନି, ପିଲୁକୁ ଗଲରି, ରବି ମାଳି, ଲଚିମ ମାଳି, ନିରନ ମାଳି, ଲକ୍ଷ୍ମଣ ମାଳି, ହରି ମାଳି, ରୁକଧର ଖିନବୁଡ଼ି, ମୁକୁନା ସାଉନ୍ତା ଅଛନ୍ତି। ସିନ୍ଧିପାର ଗ୍ରାମର ସୁରେନ୍ଦ୍ର ଦାମିଙ୍କ ଏତଲାକ୍ରମେ ଦାମନଯୋଡି ଥାନାରେ



ପୋଲିସ ସହ ଗିରଫ ଅଭିଯୁକ୍ତମାନେ ।

**ଝଡ଼ିଗୁଡ଼ା ଗୋଷ୍ଠୀ ସଂଘର୍ଷ ଘଟଣା**

କେସ ନଂ.୩୭/୨୨ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଘଟଣାର ଗୁରୁତ୍ୱକୁ ନେଇ ସୁନାବେଡ଼ା ଏସଡିପିଓ ମନୋଜ ବେହେରାଙ୍କ ନେତୃତ୍ୱରେ ମଧ ଆଇଆଇସି ସସ୍ମିତ ବେହେରା, ସେମିଳିଗୁଡା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର, ଦାମନଯୋଡି ଆଇଆଇସି ଗୌରହରି ସାହୁ ଓ ଏସଆଇ ଦୀପକ ପଣ୍ଡାଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ୨ଟି ତେଣ୍ଟା, ୬ଟି ଟାଙ୍ଗିଆ, ୩ଟି ଛୁରି ସହ ଏକ ବୋଲେରୋ ଜବତ କରିଛି। ସୂଚନାଯୋଗ୍ୟ, ଗୁରୁବାର ଚଇତି ପର୍ବ ପାଳନ ବେଳେ ଝଡିଗୁଡ଼ା ସାହିରେ ସାମାନ୍ୟ କଥାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏଥିରେ ସିନ୍ଧିପାର ଗ୍ରାମର ଦେବେନ୍ଦ୍ର ଦାମି ଓ ପୂର୍ଣ୍ଣଚନ୍ଦ୍ର ନାୟକ ନାମକ ୨ ଯୁବକଙ୍କ ମୃତ୍ୟୁ ହୋଇଥିଲା।

# ଜିଲା ଜନଜାତି ସୁରକ୍ଷା ମଞ୍ଚର ଦାବି ଧର୍ମାନ୍ତରିତ ଆଦିବାସୀଙ୍କୁ ସଂରକ୍ଷଣ ତାଲିକାରୁ ବାଦ ଦିଅ

ଜୟପୁର,୨୪।୪ (ନି.ପ୍ର.)

ଧର୍ମ, ସଂସ୍କୃତି, ପରମ୍ପରା ଓ ପୂଜା ପଦ୍ଧତି ତ୍ୟାଗ କରି ଅନ୍ୟ ଧର୍ମ ଗ୍ରହଣ କରିଥିବା ଆଦିବାସୀମାନଙ୍କୁ ସଂରକ୍ଷଣ ତାଲିକାରୁ ବାଦ ଦେବା ସହିତ ସେମାନଙ୍କୁ ସମସ୍ତ ସରକାରୀ ସୁବିଧା ବନ୍ଦ କରିବା ଦାବିରେ କୋରାପୁଟ ଜିଲା ଜନଜାତି ସୁରକ୍ଷା ମଞ୍ଚ ପକ୍ଷରୁ ଅନୁଷ୍ଠିତ ସଭାରେ ବକ୍ତାମାନେ ମତ ଦେଇଛନ୍ତି। ଏହି ଅବସରରେ ଏକ ପ୍ରତିବାଦ ଶୋଭାଯାତ୍ରା ହୋଇଥିଲା। ସଭାକାର୍ଯ୍ୟ ଆୟୋଜିତ ହୋଇଥିଲା। ପ୍ରତିବାଦ ସଭାରେ ଜୟପୁର ସହର ବୁଲୁଥିଲା ରୁପୁ ଭତ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କୁନ୍ଦ୍ରାର ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, କ୍ଷେତ୍ରୀୟ ସଙ୍ଗଠନ ମନ୍ତ୍ରୀ ବିଜୟ ମହାନ୍ତି, ଭୋଜପୁରୀ ଆଶ୍ରମର ମଠାଧୀଶ ସ୍ୱାମୀ ଶିବାନନ୍ଦ ଆର୍ଯ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ନଗର ସଭାପତି ଶଶୀ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ମିଶ୍ର, ବିଭାଗ ସଙ୍ଗଠନ ମନ୍ତ୍ରୀ ରତିକାନ୍ତ ସାହୁ, ଜିଲା ସଂଗଠନ ମନ୍ତ୍ରୀ ଧନ ଭତ୍ରା ପରିଚାଳନା କରିଥିଲେ।

# ଅମଲା ସଂଘ ବୈଠକ, କର୍ମକର୍ତ୍ତା ନିର୍ବାଚନ




ବୈଠକରେ ସଂଘ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି ।

ଜୟପୁର,୨୪।୪ (ନି.ପ୍ର.)

ଜୟପୁର କର୍ମଚାରୀ ଭବନଠାରେ ଅମଲା ସଂଘର ଏକ ବୈଠକ ରବିବାର ବାଣିଜ୍ୟକର ବିଭାଗ ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ବକ୍ତାଭାବେ ଅବସରପ୍ରାପ୍ତ ବିଭାଗୀୟ ଅଧିକାରୀ ନରେନ୍ଦ୍ର ନାଥ ତ୍ରିପାଠୀ ଯୋଗ ଦେଇଥିଲେ। ଖାଦ୍ୟ ଓ ଯୋଗାଣ ବିଭାଗର ବିଜୟ ମହାପାତ୍ର, ଜଳସେଚନ, ଶିକ୍ଷା, ରାଜସ୍ୱ, ଜଙ୍ଗଲ, କ୍ଷୁଦ୍ର ଜଳସେଚନ ଓ ଉଚ୍ଚଶିକ୍ଷା ବିଭାଗ ଅମଲା ମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଅମଲାମାନଙ୍କ ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିଲା। ପରେ ସଂଘ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ସଂଘର ଜୟପୁର ସବ୍ ୟୁନିଟ୍‌ର ସଭାପତି ରୂପେ ଶଶୀଭୂଷଣ ଦାଶଙ୍କୁ ଚୟନ କରାଯାଇଥିଲା। ସମ୍ପାଦକ ରୂପେ ଦେବୀ ପ୍ରସାଦ ସୁବୁଦ୍ଧି, କୋଷାଧକ୍ଷ ଭାବେ ବୃନ୍ଦାବନ ପଣ୍ଡା ମନୋନୀତ ହୋଇଥିଲେ। ବିଜୟ ମହାପାତ୍ର, ସରୋଜ ରଥ, କିରଣ ବିଶ୍ୱାସରାୟ ଉପସଭାପତି, ଶ୍ରୀଧର ହୋତା, ଲଳିତା ପଟ୍ଟନାୟକ,ପ୍ରଶାନ୍ତ ଦଳେଇ ଯୁଗ୍ମ ସମ୍ପାଦକ, ଜୟନ୍ତ ସାହୁ, ଶିବରାମ ପଣ୍ଡା ଓ ଦୀପକ ଷଡ଼ଙ୍ଗୀ କାର୍ଯ୍ୟ ନିର୍ବାହୀ ସଦସ୍ୟ ହୋଇଥିଲେ।

# ନିର୍ମାଣକୁ ବିତିଲାଣି ୪ ବର୍ଷ, ଖୋଲୁନି କଲ୍ୟାଣ ମଣ୍ଡପରୁ ତାଲା

ସୁନାବେଡା,୨୪।୪(ସ୍ୱ.ପ୍ର.)

ସାଧାରଣ ଲୋକଙ୍କ ସୁବିଧା ପାଇଁ ହାଲ ପ୍ରଶାସନ ବହୁ ଅର୍ଥ ଖର୍ଚ୍ଚ କରୁଛି। ମାତ୍ର ଲୋକେ ସେଥିରୁ ବିଶେଷ ଉପକୃତ ହେଉନାହାନ୍ତି। ଲୋକଙ୍କ ପାଇଁ ହାଲ ନିର୍ମାଣ କରିଥିବା ଏକ କଲ୍ୟାଣମଣ୍ଡପ ଲୋକଙ୍କ କାର୍ଯ୍ୟରେ ଲାଗି ନ ପାରି ଏବେ ଭୂତକୋଠି ପାଲଟିଲାଣି। ହାଲ ପରିସର ୱାଇ ଜୋନ ନିକଟରେ ଥିବା କଲ୍ୟାଣ ମଣ୍ଡପ ୨କୋଟି ଟଙ୍କା ବ୍ୟୟରେ ୪ ବର୍ଷ ତଳୁ ନିର୍ମାଣ ସରିଲାଣି। ଗତ କୋଭିଡ ସମୟରେ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ଜିଲା ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶରେ ୨୦୨୦ ଅଗଷ୍ଟ ୨୬ରୁ ଏହାକୁ କୋଭିଡ କେୟାର୍ ସେଣ୍ଟର ରୂପେ ବ୍ୟବହାର କରାଯାଇଥିଲା। କୋଭିଡ ସଂକ୍ରମଣ କମିଯିବା ପରଠାରୁ ଏବେ ସେଠାରେ ତାଲା ଝୁଲୁଛି। ସୂଚନାଯୋଗ୍ୟ, ହାଲ ରେ ଚାକିରି କରୁଥିବା ଏବଂ ଏହାର ଆଖପାଖ ଅଞ୍ଚଳର ଲୋକଙ୍କ ସାମାଜିକ କାର୍ଯ୍ୟକ୍ରମ ନିମନ୍ତେ ପୂର୍ବରୁ ଏକ ମାତ୍ର କଲ୍ୟାଣ ମଣ୍ଡପ ଏଠାରେ ରହିଥିଲା। ତେବେ ଆବଶ୍ୟକତା ଦୃଷ୍ଟିରୁ ଆଉ ଗୋଟିଏ କଲ୍ୟାଣ ମଣ୍ଡପର କଳ୍ପନା କରି ୨୦୧୭ରେ ୨.୫ କୋଟି ଟଙ୍କା ବ୍ୟୟରେ ଏହାକୁ ନିର୍ମାଣ କରାଯାଇଥିଲା। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ କଲ୍ୟାଣମଣ୍ଡପ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।



ତାଲା ପକାଇ ରଖାଯାଇଥିବା କଲ୍ୟାଣମଣ୍ଡପ।

# ମା ମୁତ୍ୟାଲୁମାଁଙ୍କ ଘଟଯାତ୍ରା ନେଇ ପଡିଲା ଶୁଭ

କୋରାପୁଟ,୨୪।୪(ସ୍ୱ.ପ୍ର.)

କୋରାପୁଟରେ ଅଧିଷ୍ଠାତ୍ରୀ ଦେବୀ ମା' ମୁତ୍ୟାଲୁମାଁଙ୍କ ନବଦିନ ଘଟଯାତ୍ରା ନେଇ ରବିବାର ଟାଉନ ପୂଜା କମିଟି ପକ୍ଷରୁ ପୁଟିଲାସାହି ନିକଟରେ ଥିବା ମାଁଙ୍କ ଅସ୍ଥାୟୀ



ମଣ୍ଡପଠାରେ ପୂଜାର୍ଚ୍ଚନା ହୋଇ ଶୁଭ ପଡିଛି। ମେ ୨ ତାରିଖରେ ଯାତ୍ରା ହେବ। କୋରାପୁଟ ସହରର ପୂଜା କମିଟି ପକ୍ଷରୁ କେ. ଶରତ କୁମାର ଓ କେ. ରଞ୍ଜିତା କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜକ ବାବୁ ମହାପାତ୍ର ଓ କେ. ଚିନା ରାଓ ପୂଜା କରିଥିଲେ। ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, କାଉନସିଲର ବି.ମାଲେଶ୍ୱର ରାଓ, ପୂଜା କମିଟିଉପସଭାପତିଟି.ରାମ କ୍ରିଷ୍ଣା, ସମ୍ପାଦକ କେ. ହେମାଚନ୍ଦ୍ର ରାଓ କେ. ଗଣପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ୨୫ କାଉନସିଲରଙ୍କୁ ସମ୍ବର୍ଦ୍ଧନା

ସୁନାବେଡା,୨୪।୪(ସ୍ୱ.ପ୍ର.)

ସମାଜିକ ଅନୁଷ୍ଠାନ ନିଷ୍ଠା ପକ୍ଷରୁ ସୁନାବେଡା କଲ୍ୟାଣ ମଣ୍ଡପଠାରେ ଏକ କାର୍ଯ୍ୟକ୍ରମରେ ପୌର ନିର୍ବାଚନରେ ବିଜୟୀ ହୋଇଥିବା ୨୫ କାଉନସିଲରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ପୌର ଅଧକ୍ଷ ରାଜେନ୍ଦ୍ର ପାତ୍ର , ସମ୍ମାନିତ ଅତିଥି ରୂପେ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦନସେନା, ଉପାଧକ୍ଷା ରତୁ କଣ୍ଟା, ଚିତ ରଞ୍ଜନ ସାହୁ, ଖବରଦାତା ମନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ । ନିଷ୍ଠାର ଅଧକ୍ଷା ମମତା ରାୟ ସଭାପତିତ୍ୱ କରିଥିଲେ। ସମ୍ପାଦିକା ମିନତି ମିଶ୍ର ବିବରଣୀ ପାଠ କରିଥିଲେ । ଏହି ଅବସରରେ ଭିଏତନାମରେ ଅନୁଷ୍ଠିତ ପ୍ରତିଯୋଗିତାରେ ନିଷ୍ଠାର କେ. ଜିନତ୍ କୁମାର ଭାରତ ପକ୍ଷରୁ ପ୍ରଥମସ୍ଥାନ ଅଧିକାର କରି ସଂସ୍ଥା ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ମଧ ସମ୍ବର୍ଦ୍ଧିତ କକରାଯାଇଥିଲା। ପଙ୍କଜିନି ଦାସ, ପ୍ରତିମା ସାହୁ, ଯୋଶୀ ଦିଶାରୀ, ମେହେର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଚିତ୍ରକୋଣ୍ଡାର ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ଚିତ୍ରକୋଣ୍ଡା,୨୪।୪(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ପଞ୍ଚାୟତରେ ଗ୍ରାମ ସ୍ୱରାଜ୍ୟ ଅଭିଯାନରେ ସରପଞ୍ଚ ହରି ମୋହନ ଖିଲ ଅଧକ୍ଷତାରେ ରାଷ୍ଟ୍ରୀୟ ପଞ୍ଚାୟତିରାଜ ଦିବସ ଅବସରରେ ଏହି କାର୍ଯ୍ୟକ୍ରମ ହୋଇଛି। ପଞ୍ଚାୟତ ସମିତିସଭ୍ୟ ରାଜକମଳ ପୁରୋହିତ, ନାଏବ ସରପଞ୍ଚ ଲକ୍ଷ୍ମୀ ମାର୍ଣ୍ଡି, ବିଧାୟକ ପ୍ରତିନିଧି ଅମିତ ଅଗ୍ରୱାଲ, ଯୋଗାଣ ସହାୟକ ତୁଷାରକାନ୍ତ ରାଉତ, ଗ୍ରାମ ରୋଜଗାର ସାଥୀ ଉପସ୍ଥିତ ଥିଲେ। ଗ୍ରାମସଭାରେ ଚିତ୍ରକୋଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମର ୱାର୍ଡ ମେମ୍ବର, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ଏମବିକେ, ସିଆରପି ଏବଂ ଜନସାଧାରଣ ସାମିଲ ହୋଇଥିଲେ। ୱାର୍ଡମେମ୍ବର ମାନେ ନିଜ ୱାର୍ଡର ସମସ୍ୟା ଗ୍ରାମ ସଭାରେ ଜଣାଇ ସମାଧାନ ନେଇ ମତ ଦେଇଥିଲେ । ଚିତ୍ରକୋଣ୍ଡା ସହର ତଥା କଲୋନୀରେ ୫ଟି ଅଙ୍ଗନୱାଡି କେନ୍ଦ୍ର ଖୋଲିବା, ସାହିର ରାସ୍ତା, ପ୍ରତି ୱାର୍ଡରେ କମ୍ୟୁନିଟି ଡଷ୍ଟବିନ, ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା, ଶ୍ମଶାନ ଘାଟକୁ ରାସ୍ତା ନିର୍ମାଣ, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଭଳି ବହୁ ସମସ୍ୟା ସମାଧାନ ଲାଗି ଏହି ଗ୍ରାମ ସଭାରେ ଆଲୋଚନା ହୋଇଥିଲା । ସେହିଭଳି ଦୋରାଗୁଡା, ନୂଆଗୁଡ଼ା, ଗୁଣ୍ଡାୱାର୍ଡ, ଟନେଲକ୍ୟାମ୍ପ, କପାତୁଟି, କୁରୁମାନୁର, ପାପୁଲୁର, ବଡ଼ପଦର ଏବଂ ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ା, ପାପରମେଟେଲା, ରାଲେଗା ଯୋଡ଼ାମ୍ବ, ପଣଷପୁଟ,ଅଣ୍ଡିରାପାଲି, ଗାଲ୍ଲୁମାମୁଡ଼ି ଓ ଯନ୍ତ୍ରୀ ପଞ୍ଚାୟତରେ ସରପଞ୍ଚମାନଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ଗ୍ରାମସଭା ହୋଇଥିଲା।



ଗ୍ରାମସଭାରେ ଉପସ୍ଥିତ ଥିବା ଜନ ପ୍ରତିନିଧି ଏବଂ ଗ୍ରାମବାସୀ।

# ମୃଦ୍ଧୁ ପାନୀୟରେ ବିଷାକ୍ତ ପଦାର୍ଥ

କୋରାପୁଟ,୨୪।୪(ସ୍ୱ.ପ୍ର.)

ଦେଶର ପ୍ରମୁଖ ମୃଦ୍ଧୁପାନୀୟ କମ୍ପାନୀଗୁଡିକର ସାମଗ୍ରୀ ବର୍ତ୍ତମାନ ସମୟରେ ଲୋକଙ୍କର ଏକ ପ୍ରିୟ ପାନୀୟ ହୋଇଥିବା ବେଳେ ସ୍ଥାନୀୟ ଗୌତମ ନଗରରେ ଥିବା ଏକ ଭେରାଇଟି ଷ୍ଟୋରରୁ ରବିବାର ଜଣେ ଗ୍ରାହକ ଏକ ମୃଦ୍ଧୁପାନୀୟ କ୍ରୟ କରିଥିଲେ। ଉକ୍ତ ମୃଦ୍ଧୁପାନୀୟକୁ ପିଇବାକୁ ଯାଉଥିବା ସମୟରେ ସେଥିରେ କିଛି ଭାସମାନ ପଦାର୍ଥ ରହିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଘଟଣା ନେଇ ଗ୍ରାହକ ଜଣକ ଅସନ୍ତୋଷ ପ୍ରକାଶ କରିବାରୁ ସେଠାରେ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଉକ୍ତ ମୃଦ୍ଧୁପାନୀୟ ବୋତଲ ମଧ୍ୟରେ ଥିବା ଅଦୃଶ୍ୟ ପଦାର୍ଥକୁ ସଠିକ ଭାବେ ଆକଳନ କରାଯାଇପାରି ନ ଥିଲା। ଫଳରେ ଉକ୍ତ ଘଟଣାକୁ ନେଇ ଖାଉଟି ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବୋତଲ ଭିତରେ ଏକ ମଲାପୋକ ଅଥବା ଝିଟ୍‌ପିଟି ପଡିଥିବା ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ କୋରାପୁଟ ସହରର ମୃଦ୍ଧୁପାନୀୟ ଡିଷ୍ଟ୍ରିବ୍ୟୁଟର ସୁଧୀର ମାଦିଙ୍କୁ ପଚରିବାରୁ ସେ ଏନେଇ ସୂଚନା ପାଇଛନ୍ତି। ଏହାକୁ ସମ୍ପୃକ୍ତ କମ୍ପାନୀର ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

# ଆଦିବାସୀଙ୍କୁ ତାଳସଜ ଦେଉଛି ରୋଜଗାର

ମାଲକାନଗିରି,୨୪।୪ (ଡି.ଏନ.ଏ.)

ଖରାଦିନେ ଥଣ୍ଡା ପାନୀୟର ରହିଛି ଅନେକ ଚାହିଦା। ପ୍ରଚଣ୍ଡ ଗ୍ରୀଷ୍ମତାପରୁ ଟିକେ ଆଶ୍ୱସ୍ତ ପାଇବା ଲାଗି ଲୋକେ ପଇଡ, ବିଭିନ୍ନ କମ୍ପାନୀର ଥଣ୍ଡା ପାନୀୟକୁ ଆଦରି ନେଇଥାନ୍ତି। ମାତ୍ର ଖରାଦିନେ ମିଳୁଥିବା ତାଳସଜ ଗ୍ରୀଷ୍ମତାପରୁ ଶରୀରକୁ ଆଶ୍ୱସ୍ତି ଦେଇ କିଛି ସମୟ ପାଇଁ ସତେଜ କରିଦିଏ। ମାଲକାନଗିରି ଜିଲାରେ ମଧ ଏପରି ଦେଖିବାକୁ ମିଳୁଛି। ଏହି ଜିଲା ଏକ ଆଦିବାସୀ ବହୁଳ ଜିଲା ହୋଇଥିବା ବେଳେ ଏଠାକାର ଆଦିବାସୀଙ୍କ ମୁଖ୍ୟ ରୋଜଗାର ହେଉଛି ଜଙ୍ଗଲ ଜାତ ଦ୍ରବ୍ୟ ଓ ଚାଷ। ବର୍ଷ ସାରା ଜଙ୍ଗଲଜାତ ଦ୍ରବ୍ୟ ଆମ୍ବ, ପଣସ, ସପୁରି, ମକା , କାକୁଡି, ଟୋଲ, କେନ୍ଦୁପତ୍ର, ମହୁଲ ଆଦି ସଂଗ୍ରହ କରି ହାଟ ବଜାରରେ ବିକ୍ରୟ କରି ସେମାନେ ଚଳିଥାନ୍ତି। ବର୍ତ୍ତମାନ ଖରା ଦିନେ ତାଳସଜ ବିକ୍ରି କରି ସେମାନେ ରୋଜଗାରକ୍ଷମ ହୋଇପାରୁଛନ୍ତି। ବିଭିନ୍ନ ସ୍ଥାନରୁ ତାଳ ତୋଳି ଆଦିବାସୀ ଯୁବକମାନେ ମାଲକାନଗିରିର ବିଭିନ୍ନ ହାଟ ଓ ବଜାରକୁ ଆଣି ବିକ୍ରୟ କରୁଛନ୍ତି। ତାଳ କ୍ରୟ ପାଇଁ ସେମାନଙ୍କ ନିକଟରେ ଲୋକଙ୍କ ଭିଡ ଜମୁଥିବା ପରିଲକ୍ଷିତ ହେଉଛି।



ଆଦିବାସୀ ଯୁବକମାନେ ବିକ୍ରି କରୁଥିବା ତାଳସଜ।

